# ପ୍ରଚାର ଡ଼ାଏରୀ

ତା.୨୮.୦୪.୨୦୧୪

**ଅରୁଣ ଜେଟଲୀ**

**ବିରୋଧୀ ଦଳର ନେତା, ରାଜ୍ୟସଭା**

ଡଃ ଫାରୁକ ଅବଦ୍ଦୁଲା ‘ ମୋଦିଙ୍କୁ ଯେଉଁମାନେ ଭୋଟ ଦେବେ ସେମାନେ ନିଜକୁ ସମୁଦ୍ର ମଧ୍ୟରେ ବୁଡ଼ାଉଛନ୍ତି ’ ବୋଲି ଯେଉଁ ମନ୍ତବ୍ୟ ଦେଇଛନ୍ତି ତାହାକୁ ସମସ୍ତଙ୍କ ଦ୍ୱାରା ନିନ୍ଦା କରାଯିବା ଉଚିତ । ସେ ଆହୁରି ମଧ୍ୟ ବିଶ୍ୱାସ କରନ୍ତି କି ଭାରତ ଏକ ଧର୍ମ ନିରପେକ୍ଷ ଦେଶ ହୋଇଥିବାରୁ ଏଠାରେ ସାମ୍ପ୍ରଦାୟିକ ରାଜନୀତି କୌଣସି ପ୍ରକାରରେ ଗ୍ରହଣୀୟ ନୁହେଁ ।

ତେବେ ମୁଁ କହିବାକୁ ଚାହୁଁଛି କି, ଭାରତ ଏକ ଧର୍ମ ନିରପେକ୍ଷ ରାଷ୍ଟ୍ର । ଏହି ବିଶାଳ ଦେଶରେ କେଉଁଠି କେବେ କେବେ ଧର୍ମ ନେଇ ଦୁର୍ଭାଗ୍ୟପୂର୍ଣ୍ଣ ଘଟଣାମାନ ଘଟି ଚାଲିଛି ଓ ଅଳ୍ପ କ୍ଷଣ ମଧ୍ୟରେ ତାହାର ସମାଧାନ ମଧ୍ୟ ମିଳିଅଛି ହେଲେ କାଶ୍ମୀର ଏକ ଏପରି ରାଜ୍ୟ ଯେଉଁଠି କାଶ୍ମୀରି ପଣ୍ଡିତଙ୍କ ଉପରେ ନିର୍ମମ ଅତ୍ୟାଚାର କରାଯାଇ ତାଙ୍କୁ ବିତାଡ଼ିତ କରାଯାଇଛି । ନିଜ ଦେଶରେ ସେ ହୋଇଛନ୍ତି ଶରଣାର୍ଥୀ । ଉକ୍ତ ବିସ୍ଥାପିତ କାଶ୍ମୀରି ପଣ୍ଡିତଙ୍କ ପୁନଃ ଥଇଥାନ ଉପରେ ଫାରୁକ ଅବ୍ଦୁଲ୍ଲା ମହୋଦୟ କେତେ ଥର ଚିନ୍ତା କରିଛନ୍ତି ? ତେଣୁ ମୋଦିଙ୍କୁ ଏ ଦେଶ ପ୍ରଧାନମନ୍ତ୍ରୀ ପଦ ପାଇଁ ନିଶ୍ଚିତ ଭାବରେ ଭୋଟ ଦେବ । ସେମାନଙ୍କର ତ କିଛି ହେବନାହିଁ  ବରଂ ଯେଉଁମାନେ କାଶ୍ମୀରି ପଣ୍ଡିତଙ୍କୁ ପୁନଃ ଥଇଥାନ ବ୍ୟବସ୍ଥା କରି ନପାରି ଖାଲି ନୀରବ ଦ୍ରଷ୍ଟା ସ୍ୱରୂପ ଦେଖୁଛନ୍ତି ସେମାନଙ୍କୁ ନିହାତି ଭାବରେ ଡ଼ାଲ ହ୍ରଦରେ ବୁଡ଼ିବା ଆବଶ୍ୟକ ।

**ଶ୍ରୀମତୀ ଭାଦ୍ରାଙ୍କ ମନ୍ତବ୍ୟ**

ଶ୍ରୀମତୀ ଭାଦ୍ରା ନିଜେ ଆଦୌ ଭୟଭୀତ ନୁହେଁ ବୋଲି ଘୋଷଣା କରିବା ସହ ବି.ଜେ.ପି କୁ ଆତଙ୍କିତ ତଥା ରୋଗାଗ୍ରସ୍ତ ମୂଷା ସହ ତୁଳନା କରିଛନ୍ତି ।

ଏକ ପରିବାରର ସଦସ୍ୟ ଭାବରେ ସେ ନିଜ ମାଆ ଓ ଭାଇଙ୍କୁ ସହାୟତା କରିବାକୁ ନିର୍ବାଚନ ପ୍ରଚାର କରୁଛନ୍ତି । ପ୍ରର୍ଥୀ ମହୋଦୟ ବିଭିନ୍ନ କାର୍ଯ୍ୟବ୍ୟସ୍ତତା ମଧ୍ୟରେ ପୂର୍ବରୁ ବାନ୍ଧି ହୋଇଛନ୍ତି । ତେଣୁ

ପରିବାରର ସଦସ୍ୟ ଭାବରେ ସେ ତାଙ୍କ ଶୂନ୍ୟ ସ୍ଥାନ ପୂରଣ କରିବା ନେଇ, ତାଙ୍କୁ କାର୍ଯ୍ୟାଳୟରେ ହେଉ ବା ପ୍ରଚାର କ୍ଷେତ୍ରରେ ହେଉ ଯେଉଁଠି ପାର୍ଥୀ ପହଞ୍ଚି ନପାରନ୍ତି ସେଠାରେ ସେ ଉପସ୍ଥିତ ରହିବା ତାଙ୍କ କର୍ତ୍ତବ୍ୟ । ତେଣୁ ପରିବାର ସଦସ୍ୟଙ୍କୁ ସବୁବେଳେ ଉତ୍ତମ ଆଚରଣ ପ୍ରଦର୍ଶନ କରିବା ସହ ଦଳର କାର୍ଯ୍ୟକର୍ତ୍ତାଙ୍କ ଉପରେ ଚାପ ନ ପକାଇବାକୁ ଚେଷ୍ଟା କରିବା ନିହାତି ଆବଶ୍ୟକ । ସେମାନଙ୍କୁ କୌଣସି ପ୍ରତିଦ୍ୱନ୍ଦୀଙ୍କ ନେଇ ଦ୍ୱନ୍ଦ୍ୱାତ୍ମକ ମନ୍ତବ୍ୟ ନଦେବାକୁ ମଧ୍ୟ ପରାମର୍ଶ ଦିଆ ଯାଇଥାଏ । ହେଲେ ଶ୍ରୀମତୀ ଭାଦ୍ରା ନିଜର ଏପରି ମନ୍ତବ୍ୟ ମାଧ୍ୟମରେ ରାଜନୈତିକ ମର୍ଯ୍ୟାଦାକୁ ନଷ୍ଟ କରିଛନ୍ତି ।

ସେ କାହାରିକୁ ଭୟ କରନ୍ତି ନାହିଁ ଏହା ଠିକ । ମାତ୍ର ସେମାନେ ଆଇନ ଓ କାନୁନକୁ ଭୟ କରିବା ଉଚିତ । କାରଣ ସେ ଯେତେ ବଡ଼ ହୁଅନ୍ତୁ ନା କାହିଁକି ତାଙ୍କ ଉପରେ ଆଇନ କାନୁନ ଅଛି । ଯାହାର ହାତ ସବୁ ସ୍ଥାନକୁ ପହଞ୍ଚି ପାରିବ । ଯଦି ମୋର କୌଣସି ପରିବାରର ସଦସ୍ୟ ମୋ ପ୍ରତିଦ୍ୱନ୍ଦ୍ୱୀକୁ ମୂଷା ସହ ତୁଳନା କରେ ତେବେ ମୁଁ ନିଶ୍ଚିତ ଭାବରେ ବଡ଼ ଚିନ୍ତାରେ ପଡ଼ିଛି ବୋଲି ଗ୍ରହଣ କରିବାକୁ ହେବ ।